# ଦେଶରେ ୨୩ଟି ଶିକ୍ଷାନୁଷ୍ଠାନ ପ୍ରତିଷ୍ଠା ଘୋଷଣା, ଓଡ଼ିଶା ଭାଗରେ ଗୋଟିଏ ନାହିଁ

ଭୁବନେଶ୍ବର, ତା ୧୭।୫ (ତଥ୍ୟ)– କେନ୍ଦ୍ରରେ ମିଳିତ ପ୍ରଗତିଶୀଳ ସାମ୍ମୁଖ୍ୟ (ୟୁପିଏ) ସରକାର କ୍ଷମତାକୁ ଆସିବାପରେ କେନ୍ଦ୍ର ମାନବ ସମ୍ବଳ ବିକାଶ ମନ୍ତ୍ରାଳୟଦ୍ବାରା ଦେଶର ସମୃଦ୍ଧ ଏବଂ କ୍ଷୁଦ୍ର ରାଜ୍ୟମାନଙ୍କୁ ଉଚ୍ଚଶିକ୍ଷାର ବିକାଶ ପାଇଁ ମୋଟ ୨୩ ଗୋଟି ଶିକ୍ଷାନୁଷ୍ଠାନ ପ୍ରତିଷ୍ଠା ନିମନ୍ତେ ପୁଞ୍ଜି ବିନିଯୋଗର ଘୋଷଣା କରାଯାଇଥିବାବେଳେ ଆମ ରାଜ୍ୟ ଭାଗରେ ଗୋଟିଏ ମଧ୍ୟ ପଡ଼ିନାହିଁ ।

ରାଜ୍ୟରେ ବର୍ତ୍ତମାନ ଇଣ୍ଡିଆନ ଇନଷ୍ଟିଚ୍ୟୁଟ୍ ଅଫ୍ ଟେକ୍ନୋଲୋଜି (ଆଇଆଇଟି) ପ୍ରତିଷ୍ଠା ପାଇଁ ଜୋରଦାର ଅଭିଯାନ ଚଳାଯାଉଥିବା ପରିପ୍ରେକ୍ଷୀରେ ଅନ୍ୟାନ୍ୟ ରାଜ୍ୟମାନେ କେନ୍ଦ୍ର ମାନବ ସମ୍ବଳ ବିକାଶ ମନ୍ତ୍ରାଳୟଦ୍ବାରା କେତେ ପରିମାଣରେ ଉପକୃତ ହୋଇଛନ୍ତି, ତାହାର ସମୀକ୍ଷା କରାଯିବା ଏକାନ୍ତ ଅପରିହାର୍ଯ୍ୟ ହୋଇପଡ଼ିଛି । ଗୋଟିଏ ଆଇଆଇଟି ପ୍ରତିଷ୍ଠା ପାଇଁ କେନ୍ଦ୍ର ସରକାର ୧୦୦୦ରୁ ୪୦୦୦ କୋଟି ଟଙ୍କା ପର୍ଯ୍ୟନ୍ତ ପୁଞ୍ଜି ବିନିଯୋଗ କରିଥାନ୍ତି । ୟୁପିଏ ସରକାରଙ୍କ ଦ୍ବାରା ଆନ୍ଧ୍ରପ୍ରଦେଶ, ରାଜସ୍ଥାନ ଓ ବିହାର ଗୋଟିଏ ଲେଖାଏଁ ଆଇଆଇଟି ପାଇଛନ୍ତି ।

କେନ୍ଦ୍ର ମାନବ ସମ୍ବଳ ବିକାଶ ମନ୍ତ୍ରାଳୟ ଏହାଛଡ଼ା ଇଣ୍ଡିଆନ ଇନଷ୍ଟିଚ୍ୟୁଟ ଫର ସାଇନ୍ସ ଏଜୁକେଶନ ଆଣ୍ଡ ରିସର୍ଚ୍ଚ (ଆଇଆଇଏସଇଆର) ପ୍ରତିଷ୍ଠା ନିମନ୍ତେ ପ୍ରାୟ ୫୦୦ କୋଟି ଟଙ୍କାର ପୁଞ୍ଜି ବିନିଯୋଗ କରିଥାନ୍ତି । ଏହି ସମୟ ମଧ୍ୟରେ ପଶ୍ଚିମବଙ୍ଗ, ମହାରାଷ୍ଟ୍ର, ପଞ୍ଜାବ, ମଧ୍ୟପ୍ରଦେଶ ଓ କେରଳରେ ଗୋଟିଏ ଲେଖାଏଁ ଆଇଆଇଏସଇଆର ପାଇଁ ମଞ୍ଜୁରୀ ଦିଆଯାଇଛି । ଏହାଛଡ଼ା ମେଘାଳୟରେ ଗୋଟିଏ ଇଣ୍ଡିଆନ ଇନଷ୍ଟିଚ୍ୟୁଟ୍ ଅଫ୍ ମ୍ୟାନେଜମେଣ୍ଟ (ଆଇଆଇଏମ) ପ୍ରତିଷ୍ଠା ପାଇଁ କେନ୍ଦ୍ରୀୟ ମନ୍ତ୍ରାଳୟ ମଞ୍ଜୁରୀ ଦେଇଛନ୍ତି ।

ଏହି ମନ୍ତ୍ରାଳୟ ପକ୍ଷରୁ ନଗର ଯୋଜନା ଓ ସ୍ଥପତି ପାଠ୍ୟକ୍ରମରେ ଉଚ୍ଚତର ଶିକ୍ଷା ନିମନ୍ତେ ଆନ୍ଧ୍ରପ୍ରଦେଶ ଓ ମଧ୍ୟପ୍ରଦେଶରେ ଗୋଟିଏକରି ସ୍କୁଲ ଅଫ୍ ପ୍ଲାନିଂ ଆଣ୍ଡ ଆର୍କିଟେକ୍ଚର (ଏସପିଏ) ପ୍ରତିଷ୍ଠା ସକାଶେ ମଞ୍ଜୁରୀ ଦିଆଯାଇଛି । ତାହାଛଡ଼ା ପଶ୍ଚିମବଙ୍ଗରେ ଥିବା ବେଙ୍ଗଲ ଇଞ୍ଜିନିୟରିଂ ଆଣ୍ଡ ସାଇନ୍ସ ୟୁନିଭରସିଟି, ଆନ୍ଧ୍ରପ୍ରଦେଶରେ ଥିବା ଆନ୍ଧ୍ର ୟୁନିଭରସିଟି ଇଞ୍ଜିନିୟରିଂ କଲେଜ, ଓସ୍‌ମାନିଆ ୟୁନିଭରସିଟି ଇଞ୍ଜିନିୟରିଂ କଲେଜ, ଉତ୍ତରପ୍ରଦେଶରେ ଥିବା ବନାରସ ହିନ୍ଦୁ ୟୁନିଭରସିଟିର ଇନଷ୍ଟିଚ୍ୟୁଟ୍ ଅଫ୍ ଟେକ୍ନୋଲୋଜି ଏବଂ କୋଚିନ ୟୁନିଭରସିଟ ଅଫ୍ ସାଇନ୍ସ ଆଣ୍ଡ ଟେକ୍ନୋଲୋଜି ଭଳି ଶିକ୍ଷାନୁଷ୍ଠାନକୁ ଆଇଆଇଟିସ୍ତରୀୟ ଇଣ୍ଡିଆନ ଇନଷ୍ଟିଚ୍ୟୁଟ ଅଫ୍ ସାଇନ୍ସ ଆଣ୍ଡ ଟେକ୍ନୋଲୋଜି (ଆଇଆଇଇଏସଟି)ର ମର୍ଯ୍ୟାଦା ପ୍ରଦାନ କରାଯାଇଛି ।

ଏହାଛଡ଼ା ତାମିଲନାଡୁରେ ଇଣ୍ଡିଆନ ଇନଷ୍ଟିଚ୍ୟୁଟ୍ ଅଫ୍ ଇନଫରମେସନ ଟେକ୍ନୋଲୋଜି (ଆଇଆଇଆଇଟି) ନିମନ୍ତେ ମଞ୍ଜୁରୀ ସହିତ ଆହ୍ଲାବାଦ ବିଶ୍ବବିଦ୍ୟାଳୟ, ମଣିପୁର ବିଶ୍ବବିଦ୍ୟାଳୟ, ଅରୁଣାଚଳ ପ୍ରଦେଶ ବିଶ୍ବବିଦ୍ୟାଳୟ, ତ୍ରିପୁରା ବିଶ୍ବବିଦ୍ୟାଳୟକୁ କେନ୍ଦ୍ରୀୟ ବିଶ୍ବବିଦ୍ୟାଳୟର ମର୍ଯ୍ୟାଦା ଦିଆଯାଇ ସିକିମରେ ଏକ ନୂତନ କେନ୍ଦ୍ରୀୟ ବିଶ୍ବବିଦ୍ୟାଳୟ ପ୍ରତିଷ୍ଠା ପାଇଁ ମଧ୍ୟ ପୁଞ୍ଜି ବିନିଯୋଗର ଘୋଷଣା କରାଯାଇଛି । ଏହା ସହିତ ହାଇଦରାବାଦଠାରେ ଥିବା କେନ୍ଦ୍ରୀୟ ଇଂରାଜୀ ବୈଦେଶିକ ଭାଷା ସଂସ୍ଥାନକୁ ମଧ୍ୟ କେନ୍ଦ୍ରୀୟ ବିଶ୍ବବିଦ୍ୟାଳୟର ମର୍ଯ୍ୟାଦା ମିଳିଛି । ସବୁଠାରୁ ବେଶି ଆନ୍ଧ୍ରପ୍ରଦେଶ ଉପକୃତ ହୋଇଥିବାବେଳେ ପଶ୍ଚିମବଙ୍ଗ, ମଧ୍ୟପ୍ରଦେଶ, ଉତ୍ତରପ୍ରଦେଶ ଓ ତାମିଲନାଡୁ ମଧ୍ୟ ଲାଭାନ୍ୱିତ ହୋଇଛନ୍ତି ।


**TRIDENT**

**SCHOOL OF BIOTECH SCIENCES**

F2B, Chandaka Indl. Estate, Bhubaneswar-24, Ph:(0674) 6538419, 2742599
(Recognised by Govt. of Orissa & Affiliated to Utkal Univ. Bhubaneswar)

- M.Sc (Biotechnology)
- M.Sc (Bioinformatics)
- M.Sc (MedicalBiotechnology)
- B.Sc (Biotechnology)

After taking the **JNU Biotech Entrance** Exam at Bhubaneswar (KV-1)
Please Avail of the one-hour College visit by Trident Buses to see the Excellent Facilities of LABS, LIbrary, Computers & to meet our Faculty.

**www.tactindia.org**

(For details of Infrastructure, Faculty, Placement & other Facilities)

**THE NO.1 BIOTECHNOLOGY COLLEGE OF EASTERN INDIA**

**WALK-IN-INTERVIEW**

**IACR Engineering College**

**Rayagada-765 002(Orissa)**

**For the posts of Prof., Asst. Prof., Sr. Lect., & Lecturer in the following streams**

**Qualification & Experience :**
B. Tech./M. Tech./ MBA / Ph.D/ M.Sc./ M.A

**SALARY : AS PER AICTE NORMS**

**VENUE :**

1. **Hotel Presidency**, near Krishna Tower, Nayapalli, Bhubaneswar on **20.05.07** from 10 AM to 7 PM, Contact No.:9437134933/ 9337872088
2. **Jyoti Residency**, near Old Bus Stand Berhampur on **21.05.2007** from 10 AM to 7 PM, Contact No. : 9437432185/ 9437317765.

- Computer Sc. & Engg.
- Mechanical Engg.
- Information Technology
- Civil Engg.
- Electronics & Comm. Engg.
- Chemistry
- Electrical Engg.
- Communicative English
- MBA (Marketing, Finance, HR, Production Mgmt., OR)

www.iacr.ac.in email: iacr_engg@yahoo.com